# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28th March - 2025**

**************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ ୨ ପ୍ରତିଶତ ମହଙ୍ଗା ଭତ୍ତାକୁ ମିଳିଲା ମଞ୍ଜୁରି ।
- ପ୍ରଦୀପ କୁମାର ଜେନା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତ ।
- ଚଳିତ ଆର୍ଥିକ ବର୍ଷରେ ୩୦ କୋଟି ମେଟ୍ରିକ୍ ଟନ୍ ମାଲ୍ ପରିବହନ ପରିଚାଳନା କରି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦେଶରେ ପ୍ରଥମ ।

ଏବଂ

- ରାଜ୍ୟର ଆଭ୍ୟନ୍ତରୀଣ ଓ ପଶ୍ଚିମାଞ୍ଚଳ ଜିଲ୍ଲାଗୁଡ଼ିକରେ ଗ୍ରୀଷ୍ମପ୍ରବାହ ଜାରି; ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ୍ ।

*PIB*

## ମହଙ୍ଗାଭତ୍ତା ବୃଦ୍ଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ୨ ପ୍ରତିଶତ

ମହଙ୍ଗାଭତ୍ତା ବୃଦ୍ଧିକୁ ଅନୁମୋଦନ ମିଳିଛି । ପେନ୍‌ସନ୍‌ଭୋଗୀଙ୍କପାଇଁ ମହଙ୍ଗା ସହାୟତାର ଅତିରିକ୍ତ କିସ୍ତି ଜାରି କରିବା ପ୍ରସ୍ତାବକୁ ମଧ୍ୟ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛନ୍ତି । ମହଙ୍ଗା ଭତ୍ତା ବୃଦ୍ଧି ପିଛିଲା ଭାବେ ଚଳିତ ବର୍ଷ ଜାନୁୟାରୀ ପହିଲାରୁ ଲାଗୁ ହେବ । ବର୍ତ୍ତମାନର ମୂଳବେତନ ଏବଂ ପେନ୍‌ସନ୍ ଉପରେ ୨ ପ୍ରତିଶତ ବୃଦ୍ଧି କରାଯାଇ ୫୩ ପ୍ରତିଶତରୁ ୫୫ ପ୍ରତିଶତ କରାଯାଇଛି । ଏହାଦ୍ୱାରା କେନ୍ଦ୍ର ସରକାରଙ୍କର ୪୮ ଲକ୍ଷ ୬୬ ହଜାର କର୍ମଚାରୀଙ୍କ ସମେତ ୬୬ ଲକ୍ଷ ୫୫ ହଜାର ପେନ୍‌ସନଭୋଗୀ ଉପକୃତ ହେବେ । କେନ୍ଦ୍ରୀୟ ରାଜକୋଷରୁ ଏଥିପାଇଁ ବାର୍ଷିକ ୬ ହଜାର ୬୧୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅତିରିକ୍ତ ଖର୍ଚ୍ଚ ହେବ ।

***BBSR/R***

# ଓ.ଇ.ଆର୍.ସି. ଅଧ୍ୟକ୍ଷ

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ - ଓ.ଇ.ଆର୍.ସି.ର ନୂଆ ଅଧ୍ୟକ୍ଷ ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ନିଯୁକ୍ତି ପାଇଛନ୍ତି । ଶକ୍ତି ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ସୁରେଶ ଚନ୍ଦ୍ର ମହାପାତ୍ର ଓ.ଇ.ଆର୍.ସି. ଅଧ୍ୟକ୍ଷ ପଦରୁ ଅବସର ନେବା ପରେ ଏହି ପଦବି ଖାଲି ପଡ଼ିଥିଲା ।

*HS*

## ନେପାଳୀ ଛାତ୍ରୀ ମୃତ୍ୟୁ ମାମଲା

ଭୁବନେଶ୍ୱର ଘରୋଇ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ-ଏନ୍.ଏଚ୍.ଆର.ସି. ଆସନ୍ତା ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ଘରୋଇ ବିଶ୍ୱବିଦ୍ୟାଳୟ ପରିସରରେ ନିମ୍ନମାନର ରହଣି ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ମାନବାଧିକାର ଆୟୋଗଙ୍କର ରିପୋର୍ଟ ଉପରେ ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏହା ଏକ ସ୍ପର୍ଶକାତର ଘଟଣା । ଆୟୋଗଙ୍କ ରିପୋର୍ଟ ଅନୁସାରେ ସରକାର ପଦକ୍ଷେପ ନେବେ ।

*Puri/R*

## ଶ୍ରୀମନ୍ଦିର - ଫଡ଼ନବୀଶ

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଆଜି ଅପରାହ୍ଣରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କୁ ଦର୍ଶନ କରିଛନ୍ତି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ

ସହିତ  ରାଜ୍ୟ ସଂସ୍କୃତି ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ଶ୍ରୀଜିଉମାନଙ୍କୁ ଦର୍ଶନ କରିଥିଲେ ।

***Desk***

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୨୦ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ରାତି ୮ଟାରେ ଆଞ୍ଚଳିକ ଭାଷାରେ ଏହାର ପୁନଃପ୍ରସାରଣ କରାଯିବ।

*Khurda/R*

## ରେଳ ମାଲ୍ ପରିବହନ

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ୩୦ କୋଟି ମେଟ୍ରିକ୍ ଟନ୍ ମାଲ୍ ପରିବହନ ପରିଚାଳନା କରି ଇତିହାସ ସୃଷ୍ଟି କରିଛି । ଭାରତୀୟ ରେଳବାଇର ଅନ୍ୟ କୌଣସି ଡିଭିଜନ୍ ବର୍ତ୍ତମାନ ସୁଦ୍ଧା ୩୦ କୋଟି ମେଟ୍ରିକ୍ ଟନ୍ ମାଲ୍ ପରିବହନ କରି ନାହିଁ । ଏହା ଭାରତୀୟ ରେଳବାଇରର ପ୍ରଥମ ଡିଭିଜନ, ଯାହା ଏହି ଉପଲବ୍ଧି ହାସଲ କରିଥିବା ଜଣାପଡ଼ିଛି ।

*HS*

## ଅନ୍ତର୍ଜାତୀୟ ସମବାୟ ବର୍ଷ

ସଶକ୍ତ ସମବାୟ, ଦୃଢ଼ ସମାଜ ଓ ସମୃଦ୍ଧ ଜୀବନର ବାର୍ତ୍ତା ନେଇ ଆଜି ପୁରୀ ସଂସ୍କୃତି ଭବନଠାରେ ଆଜି ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ କରାଯାଇଛି । ଜିଲ୍ଲାସ୍ତରୀୟ ସମବାୟ ବର୍ଷ ପାଳନ କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡକ୍ଟର ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ କହିଛନ୍ତି, ସମାଜକୁ ସୁଦୃଢ଼ ଓ ଆର୍ଥିକ ସମୃଦ୍ଧ କରିବାରେ ସମବାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହିଳାମାନଙ୍କୁ ସଶକ୍ତ କରିବାରେ ସମବାୟର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ସମବାୟ ଜରିଆରେ କୃଷି ସମବାୟ ସମିତି

ଗଠନ, LAMPS ଓ ପ୍ୟାକ୍ସର ସହାୟତା ଜରିଆରେ କୃଷିଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ର ଖୋଲିବା ସମ୍ଭବପର ହୋଇପାରିଛି । ପୁରୀ ଜିଲ୍ଲାରେ ଚଳିତ ବର୍ଷ ୧୧ ଲକ୍ଷ ୬୦ ହଜାର କୁଇଣ୍ଟାଲ୍ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷ ୫୨ ହଜାର କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ମହାପାତ୍ର ସୂଚନା ଦେଇଛନ୍ତି ।

***Deogarh, Sambalpur/R***

## ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଆସନ୍ତାକାଲି ୮ଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ନାଗରିକ ସମ୍ବଲପୁର ରେଳ ଷ୍ଟେସନରୁ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିବେ । ସମ୍ବଲପୁର, ଅନୁଗୁଳ, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାରୁ ବରିଷ୍ଠ ନାଗରିକମାନେ ଯାତ୍ରା କରିବେ ।

*Nayagarh/R*

# ରେଳ ଟିକେଟ୍ ବୁକିଂ

ନୟାଗଡ଼ ରେଳଷ୍ଟେସନରେ ଅଣସଂରକ୍ଷିତ ଟିକେଟ୍ କିଣିବାପାଇଁ ୨ଟି ସ୍ୱୟଂଚାଳିତ ଭେଣ୍ଡିଂ ମେସିନ୍ ରେଳବାଇ ପକ୍ଷରୁ ଲଗାଯାଇଛି । ଜିଲ୍ଲା ନାଗରିକ ମଞ୍ଚ ପକ୍ଷରୁ ଏହି ବାବଦରେ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା । ସୂଚନାଯୋଗ୍ୟ, ୨୦୧୭ ମସିହାରୁ ନୟାଗଡ଼କୁ ରେଳସେବା ଆରମ୍ଭ ହୋଇଛି ।

*Boudh/R*

# ଆୟୁଷ୍ମାନ ଭାରତ

ବୌଦ୍ଧ ଜିଲ୍ଲାରେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆସନ୍ତା ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହେବ । ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକମାନଙ୍କୁ ସଚେତନ କରାଯାଇ ସ୍ୱାସ୍ଥ୍ୟକାର୍ଡ଼ ଯୋଗାଇ ଦିଆଯିବ । ସରକାରଙ୍କର ଏହି ସ୍ୱାସ୍ଥ୍ୟ ଯୋଜନାରୁ ଜିଲ୍ଲାବାସୀ କିପରି ସୁଫଳ ପାଇପାରିବେ, ସେ ସମ୍ବନ୍ଧରେ ଜିଲ୍ଲାପାଳ ସୁବ୍ରତ କୁମାରପଣ୍ଡାଙ୍କ ଅଧକ୍ଷତାରେ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ ନେଇ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତ୍ତି

ଅନୁସାରେ ନିର୍ଦ୍ଧାରିତ ସମୟ ଅନୁସରେ ଯୋଜନାକୁ ଫଳପ୍ରଦ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

***Nayagarh/R***

## ଆକାଂକ୍ଷୀ ବ୍ଲକ୍

କେନ୍ଦ୍ର ସରକାରଙ୍କ ନୀତି ଆୟୋଗଦ୍ୱାରା ଚିହ୍ନଟ ହୋଇଥିବା ଦେଶର ୫ ଶହ ଆକାଂକ୍ଷୀ ବ୍ଲକ୍ ମଧ୍ୟରୁ ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକ୍ ସ୍ଥାନ ପାଇଛି । କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ସହଯୋଗରେ ଏହି ବ୍ଲକ୍‌ରେ ଆଜି ଏକ ଭିନ୍ନକ୍ଷମ ଚିହ୍ନଟ ଶିବିରର ଆୟୋଜନ କରାଯାଇଥିଲା । ଶିବିରରେ ୧୬୦ ଜଣ ଦିବ୍ୟାଙ୍ଗଙ୍କୁ ୩୧୭ଟି ସହାୟକ ଉପକରଣ ବଣ୍ଟନ କରାଯାଇଥିଲା ।

***Desk***

## ଯୁକ୍ତ ଦୁଇ ପରୀକ୍ଷା ଫଳ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚାଲିଥିବା ଯୁକ୍ତଦୁଇ ଥିଓରୀ ପରୀକ୍ଷା ଗତକାଲି ଶେଷ ହୋଇଛି। ଆସନ୍ତା ୨ ତାରିଖରୁ  ପରୀକ୍ଷା ଖାତା

ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଚଳିତବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ପ୍ରାୟ ୩ ଲକ୍ଷ ୯୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏପ୍ରିଲ ୨ ତାରିଖରୁ ୧୪ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ ଏବଂ ଏପ୍ରିଲ୍ ୧୬ରୁ ୨୮ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ କରାଯିବ। ଚଳିତବର୍ଷ ୫୭ଟି ଇ-ମୂଲ୍ୟାୟନ କେନ୍ଦ୍ର ଖୋଲାଯାଇଥିବାବେଳେ ୨୪ ଲକ୍ଷ ଖାତା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ମୂଲ୍ୟାୟନ କରାଯିବ।

***Desk***

# ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ରବିବାର ପର୍ଯ୍ୟନ୍ତ ରାଜ୍ୟର ଆଭ୍ୟନ୍ତରୀଣ ଓ ପଶ୍ଚିମ ଜିଲ୍ଲାଗୁଡ଼ିକରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବ । ଏହି ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀରୁ ଊର୍ଦ୍ଧ୍ୱରେ ରହିବ ଏବଂ ଉପକୂଳ ଜିଲ୍ଲାଗୁଡ଼ିକରେ ମଧ୍ୟ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବାର ସମ୍ଭାବନା ରହିଛି । ଝାରସୁଗୁଡ଼ାରେ ଆଜି ଦିନର ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିବାବେଳେ ସମ୍ବଲପୁରରେ ୪୧ ଦଶମିକ ୬, ହୀରାକୁଦରେ ୪୧ ଦଶମିକ ୨ ଡିଗ୍ରୀ ରେକର୍ଡ଼ କରାଯାଇଛି । ଭୁବନେଶ୍ୱରର ତାପମାତ୍ରା ପ୍ରଥମ ଥରପାଇଁ ଆଜି ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ରେ ଥିଲା ।

ଅନ୍ୟପକ୍ଷରେ ରାଜ୍ୟରେ ୨୦୨୦ରୁ ୨୦୨୪ ମସିହା ମଧ୍ୟରେ ୪ ବର୍ଷରେ  ୨୩ଟି ଜିଲ୍ଲାରେ ଭୂତଳ ଜଳ ସ୍ତର ହ୍ରାସ ପାଇଥିବା ନେଇ ବିଧାନସଭାରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଗଜପତି ଓ ରାୟଗଡ଼ା ଜିଲ୍ଲାରେ ଅଧିକ ପରିମାଣରେ ଭୂତ ଜଳସ୍ତର କମିଥିବା ବେଳେ ବେଳେ ପଶ୍ଚିମ ଓଡ଼ିଶାର ୮୦ ପ୍ରତିଶତ ଜିଲ୍ଲାରେ ଭୂତଳଜଳସ୍ତର ହ୍ରାସ ପାଇଛି । ହେଲେ ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ମାଲକାନଗିରି, ସମ୍ବଲପୁର ଓ ନୂଆପଡ଼ା ଜିଲ୍ଲାରେ ଭୂତଳ ଜଳସ୍ତର ବୃଦ୍ଧି ପାଇଛି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି ।

***Desk***

# ଭୂମିକମ୍ପ

ମ୍ୟାଁମାର୍‌ରେ ଆଜି ଏକ ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ସହିତ ମୃତାହତ ହୋଇଥିବା ଜଣାପଡ଼ିଛି । ସେଠାକାର ସରକାର ୬ଟି ଅଞ୍ଚଳରେ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ମ୍ୟାଁମାରର ଐତିହାସିକ ଅଭା ବ୍ରିଜ୍ ଭୁଶୁଡ଼ି ପଡ଼ିଛି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ପରିସ୍ଥିତିରେ ଭାରତ ମ୍ୟାଁମାରକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବାପାଇଁ ପ୍ରସ୍ତୁତ ଅଛି । ବୈଦେଶିକ ମନ୍ତ୍ରଣାଳୟକୁ ମ୍ୟାଁମାର ଓ ଥାଇଲାଣ୍ଡ ସହ ପରିସ୍ଥିତି ସମ୍ପର୍କ ରଖିବାପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ଆଜି ମ୍ୟାଁମାରରେ ୭

ଦଶମିକ ୭ ତୀବ୍ରତାର ଭୂମିକମ୍ପ ଯୋଗୁଁ ୨୫ରୁ ଅଧିକ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

*Desk*

## ଅନ୍ତ୍ୟୋଦୟ ଗୃହ ଯୋଜନା

ରାଜ୍ୟ ସରକାର ଆସନ୍ତା ରବିବାର ଦିନ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିବେ। ଏହି ସମ୍ପର୍କରେ ଭବାନୀପାଟଣାଠାରେ ବିଜେପି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରୁ ମିଳିଥିବା  ସୂଚନା ଅନୁସାରେ, ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଗରିବ ପରିବାରଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ରାଜ୍ୟ ସରକାର ଆଗାମୀ ଆର୍ଥିକବର୍ଷରେ ବଜେଟ୍‌ରେ ୭ ହଜାର ୫୫୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଚଳିତବର୍ଷ ୫୦ ହଜାରରୁ ଅଧିକ ହିତାଧିକାରୀଙ୍କୁ ଏହି ଯୋଜନା ଅଧୀନରେ ପକକା ଘର ଦେବା ପାଇଁ ୨ ହଜାର ୬୦୩ କୋଟି ଟଙ୍କାର ଅର୍ଥ ବ୍ୟୟ ବରାଦ କରାଯାଇଛି। ସ୍ୱଳ୍ପ ଆୟକାରୀ ପରିବାରଙ୍କୁ ଅନ୍ତ୍ୟେଦୟ ଗୃହ ଯୋଜନାରେ ମାଗଣା ଘର ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କର କଳାହାଣ୍ଡି ଜିଲ୍ଲା ଗସ୍ତ ସମୟରେ ପ୍ରାୟ ୫ଶହ କୋଟି ଟଙ୍କାର ନୂତନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

*****